# ମାଟି ବିକ୍ରି ପାଇଁ ନୁହେଁ, ମାଳି ଲାଭ ପାଇଁ ନୁହେଁ

**ବନ୍ଧୁଗଣ, ଜୁହାର !** ମାଟି,ମାଳି, ଡ଼ଙ୍ଗର, ଝରଣା ଓ ଝୋଲା ବଞ୍ଚେଇବା ପାଇଁ ଆମ ଲଢ଼େଇକୁ କେବଳ ଓଡ଼ିଶା କାହିଁକି, ସାରା ଭାରତରୁ ଯେଉଁ ଭଳି ସଂହତି ଓ ସମର୍ଥନ ମିଳିଲା ତାହା ଆମକୁ ଅଭିଭୂତ କରିଛି । ଗତ ଅପ୍ରେଲ ୬-୭ ତାରିଖ ରାତିରେ କଣ୍ଟାମାଳ ଗାଁ ଉପରେ ପୁଲିସର ନୃଶଂସ ଆକ୍ରମଣ ପରେ ବିଭିନ୍ନ ରାଜନୈତିକ ଦଳ, ବାମ ଓ ଗଣତାନ୍ତ୍ରିକ ସଂଗଠନ, ଟିଭି, ମୁଖ୍ୟସ୍ରୋତର ଖବରକାଗଜ, ସାମାଜିକ ଗଣମାଧ୍ୟମ, ସାମାଜିକ କର୍ମୀ, ଯୁବକ ଓ ଗବେଷକ ସିଜିମାଳି ଅଞ୍ଚଳ ଗସ୍ତ କଲେ । ଉଲ୍ଲେଖନୀୟ, ମାର୍ଚ୍ଚ ୧୦ ତାରିଖରେ ତଳଆମପଦର ଗାଁରେ ମଧ୍ୟ ରାତିଅଧିଆ ଚଢଉ କରି ପୁଲିସ ୨୧ ଜଣଙ୍କୁ ଗିରଫ କରିଥିଲା ଏବଂ ଫେବୃଆରୀ ମାସଠାରୁ ଆମର ସମଗ୍ର ଅଞ୍ଚଳ ଏକ ଅଘୋଷିତ ଯୁଦ୍ଧ କ୍ଷେତ୍ରରେ ପରିଣତ ହୋଇସାରିଥିଲା । ଆକାଶରେ ଡ୍ରୋନ ଉଡ଼ିଲା, ସଡ଼କରେ ପୁଲିସ ଗାଡ଼ି ବୁଲିଲା, ଗାଁ ଗାଁରେ ପୁଲିସ ପଇଁତରା ମାରିଲା । ବେଦାନ୍ତକୁ ସିଜିମାଳି ଓ ଆଦାନୀକୁ କୁଟ୍ରୁମାଳି ଲିଜ ଦେବା ପରଠାରୁ ଗତ ତିନି ବର୍ଷ ହେଲା ଆମ ଉପରେ ଲଗାତାର ଦମନ ଚାଲିଛି ଓ ମିଛ ମାମଲା ଲଦି ଦିଆଯାଉଛି । ଏ ପଞ୍ଚମ ଅନୁସୂଚୀ ଅଞ୍ଚଳରେ କେଉଁ କାଳରୁ ଶାନ୍ତିରେ ବସବାସ କରିଆସୁଥିବା ଆମେ ଆଦିବାସୀ, ଦଳିତ ଓ ଗଉଡ଼ ସମୁଦାୟମାନଙ୍କର ଜୀବନ ଏବେ ନର୍କରେ ପରିଣତ ହୋଇଯାଇଛି । ତଥାପି, ଆମ ଲଢେଇ ଜାରି ରହିଛି । ଆପଣମାନଙ୍କର ସଂହତି ଓ ସମର୍ଥନ ଆମର ସଂଗ୍ରାମୀ ସଂକଳ୍ପକୁ ଆହୁରି ବଳ ଦେଇଛି ।

ଆମେ କହି ରଖୁଛୁ ଯେ ଏ ଲଢ଼େଇ କେବଳ ଆମର ଜୀବନଜୀବିକା ପାଇଁ ନୁହେଁ । ଏ ଲଢ଼େଇ ପୃଥିବୀ ନାମକ ଗ୍ରହର, ଧରିତ୍ରୀ ମା'ର ସୁରକ୍ଷା ପାଇଁ । ଏ ଲଢ଼େଇ ସମସ୍ତ ଜୀବଜଗତ, ଗଛବୃଛ, ଜଙ୍ଗଲ, ଗାଈଛେଳି, ନଦୀ ଓ ଝରଣାର ସୁରକ୍ଷା ପାଇଁ । ସେମାନେ ଆମର, ଆମେ ତାଙ୍କର । ଆମେ ଗୋଟେ କୁଟୁମ୍ବର, ଏକ ଓ ଅଭିନ୍ନ । ଯେତେବେଳେ ଜଳବାୟୁ ପରିବର୍ତ୍ତନ ଜନିତ ସଂକଟ ସାରା ବିଶ୍ୱରେ ଘନିଭୂତ ହେବାରେ ଲାଗିଛି, ପରିବେଶ ଓ ପ୍ରକୃତି ବଞ୍ଚେଇବାର ଆବଶ୍ୟକତା ଅତି ଜରୁରୀ ହୋଇପଡ଼ିଛି, ସେତେବେଳେ ପୂର୍ବଘାଟ ପର୍ବତମାଳାର ଗୋଟିଏ ପରେ ଗୋଟିଏ ବକ୍‌ସାଇଟ ମାଳି କର୍ପୋରେଟ ଲାଭ ଓ ଲୋଭ ପାଇଁ ବଳି ପକେଇଦେବାର ମସୁଧା ଚାଲିଛି । ଏହା ଘଟୁଛି ନିୟମଗିରି, ଖଣ୍ଡୁଆଳ ମାଳି, ବାଲଦା ନାଗେଶ୍ୱରୀ ପାହାଡ଼, ସେରୁବନ୍ଧ, ମାଳିପର୍ବତ, କୋଡ଼ିଙ୍ଗା ମାଳି ଓ ନାରାୟଣପାଟଣାର କର୍ଣ୍ଣକୋଣ୍ଡା ମାଳିରେ । ଏସବୁ କାର୍ଯ୍ୟକାରୀ ହେଲେ, ପୂର୍ବଘାଟ ପର୍ବତମାଳାରୁ ବାହାରିଥିବା ଅସଂଖ୍ୟ ଝରଣା ଏବଂ ସେମାନେ ସୃଷ୍ଟି କରିଥିବା ନଦୀ ଅଚିରେ ମରିଯିବେ । ଓଡ଼ିଶା ଏକ ମରୁଭୂମି, ଏକ ବିଷଭୂମିରେ ପରିଣତ ହେଇଯିବ । ଆମେ ଆଖିରେ ଦେଖୁଛୁ, ଆମ ପଡ଼ୋଶୀ ଅଞ୍ଚଳରେ ଯାହା ଘଟୁଛି । ବାଫଲିମାଳିରେ ଖଣି ଖୋଳା ହୋଇ ଟିକିରି ନିକଟରେ ଆଲୁମିନା କାରଖାନା ହେବା ପରଠାରୁ ଧୂଳିଧୂଆଁ, ରେଡ ମଡ୍ ପଣ୍ଡର ବିଷାକ୍ତ ପାଣି ହେତୁ ନଦୀନାଳରେ ବିଷ ଚରିଗଲାଣି । ସେହି ସମାନ କଥା ଘଟୁଛି ବେଦାନ୍ତର ଲାଞ୍ଜିଗଡ଼ ଆଲୁମିନା କାରଖାନା ଅଞ୍ଚଳରେ । ମଣିଷ ବ୍ୟବହାର କରିବା ଦୂରେ ଥାଉ, ଗାଈଗୋରୁ ବି ସେ ପାଣି ପିଉନାହାନ୍ତି, ମାଛ ବି ବଞ୍ଚୁନାହାନ୍ତି । ଆଶ୍ୱାସନାର ବିଷୟ, ବିକାଶର ଏ ବିନାଶଲୀଳାକୁ ଦେଖି ଦକ୍ଷିଣ ଓଡିଶାର ବକ୍ସାଇଟ କ୍ଷେତ୍ରରେ ଆମରି ଭଳି ପ୍ରକୃତିକୁ ଆଧାର କରି ବଞ୍ଚୁଥିବା ମଣିଷମାନେ ପ୍ରତିବାଦ ଓ ପ୍ରତିରୋଧ କରୁଛନ୍ତି । ଆମ ସମସ୍ତଙ୍କର ଲଢ଼େଇ ହିଁ ଗୋଟିଏ ଲଢ଼େଇ ।

ଏ ବିକାଶର ଆଉ ଏକ ରୂପକୁ ଆମେ ଦେଖୁଛୁ, ତା'ର କ୍ରୁରତା ଓ କୁତ୍ସିତତାକୁ ନିତିଦିନ ଅଙ୍ଗେ ନିଭଉଛୁ । ଇଏ କି ପ୍ରକାର ବିକାଶ ଯେ ଆମେ ଭୋଟ ଦେଇ ଆସନରେ ବସେଇଥିବା ସରକାର ଆମକୁ ଦମନ କରିବା ପାଇଁ ପୁଲିସ ଓ ଅର୍ଦ୍ଧସାମରିକ ବାହିନୀକୁ ବ୍ୟବହାର କରୁଛି ? ଆମରି ପଇସାରେ  ଦରମା ନେଇ ଆମ ସେବା କରିବାକୁ ଥିବା ଅମଲା,ଅଧିକାରୀମାନେ ଆମ ଉପରେ ଶାସନ ଚଳେଇଛନ୍ତି ? ଲାଞ୍ଚ ଦେଇ ଲୋକମାନଙ୍କ ସହମତି ହାସଲ କରିବାକୁ ଉଦ୍ୟମ କରାଯାଉଛି, ଭାଇଭାଇ ଭିତରେ ଫାଟ ସୃଷ୍ଟି କରାଯାଉଛି । ରାତି ଅଧିଆ ଚଢଉ କରି ଆମ ଝାଳ ଓ ରକ୍ତରେ ତିଆରି ଆମର ସାନ ସାନ ଘରଗୁଡ଼ିକୁ ଭାଙ୍ଗି ଦିଆଯାଉଛି । ଅଥଚ ସାଧାରଣ ସମ୍ପତ୍ତି ନଷ୍ଟ କରିବା ଅଭିଯୋଗରେ ଆମ ଉପରେ ଦଫା ପରେ ଦଫା ଲଦି ଦିଆଯାଉଛି । ଆମର ବନ୍ଧୁ ଓ ସମର୍ଥକ ଆମ ପାଖକୁ ଯେମିତି ଆସିପାରିବେ ନାହିଁ, ସେମାନଙ୍କ ଉପରେ ନିଷେଧାଦେଶ ଜାରି କରାଯାଉଛି । ଅନ୍ୟ ପଟେ, କମ୍ପାନୀର ଭଡ଼ାଟିଆ ମୁଖାପିନ୍ଧା ଗୁଣ୍ଡାମାନଙ୍କୁ ପୁଲିସ ସହ ଅଣାଯାଉଛି ଆମକୁ ସାବାଡ଼ କରିବା ପାଇଁ । ଆମର ଯୁବକମାନଙ୍କୁ ଗୁଣ୍ଡା ଦ୍ୱାରା ଆକ୍ରମଣ କରାଯାଇ ପରେ ପୁଲିସ ହାତରେ ଦେଇ ଦିଆଯାଉଛି । ଆମେ ବଣଜଙ୍ଗଲରେ ରହୁଥିବା ମଣିଷମାନଙ୍କର ଏକ ପାରମ୍ପରିକ ଚଳଣି ହେଉଛି କାନ୍ଧରେ ଟାଙ୍ଗିଆଟେ ବା ହାତରେ ଧନୁତୀର ଧରି ବାହାରକୁ ବାହାରିବା । କିନ୍ତୁ ତାହାକୁ ମାରଣାସ୍ତ୍ର କୁହାଯାଇ ଆମ ଉପରେ ଅସ୍ତ୍ରଶସ୍ତ୍ର ଆଇନର ଦଫା ଲଗାଯାଉଛି । ଆମ ଉପରେ ହତ୍ୟା ଉଦ୍ୟମର ଆରୋପ ଲଗାଯାଉଛି, ଯେତେବେଳେ ଆମର ନିଦରେ ଶୋଇଥିବା ପିଲାମାନଙ୍କ ଉପରେ ସେମାନେ ଲୁହବୁହା ବାଷ୍ପ ପ୍ରୟୋଗ କରୁଛନ୍ତି ଏବଂ ଆମର ବୁଢାବୁଢିମାନଙ୍କୁ ଲାଠି ଓ ବନ୍ଧୁକରେ ଆକ୍ରମଣ କରି ଲହୁଲୁହାଣ କରୁଛନ୍ତି, ମୁଣ୍ଡ ଫଟେଇ ଦଉଛନ୍ତି । ପୁଲିସ ଓ କମ୍ପାନୀ ଗୁଣ୍ଡାଙ୍କର ଘନଘନ ଆକ୍ରମଣ ହେତୁ ହାଟବାଟ, କାମଦାମ ବନ୍ଦ ହୋଇଯାଉଛି । କେବଳ ହାତରେ ନୁହେଁ, ଆମ ପେଟରେ ବି ନାତ ମରାଯାଉଛି । କୋର୍ଟ କଚେରୀରେ ଛନ୍ଦି ଦେଇ ଆମକୁ ସର୍ବସ୍ୱାନ୍ତ କରାଯାଉଛି । କୋର୍ଟର ଆଶ୍ରୟ ନେଲେ ବି ନ୍ୟାୟ ଆମ ପକ୍ଷରେ ଯାଉନାହିଁ । ଜାଣିଶୁଣି ଆମକୁ ଜାମିନ ଦେବାରେ ଡେରି କରାଯାଉଛି। ଜାମିନ ଦେଲେ ବି ଅପମାନଜନକ ସର୍ତ୍ତାବଳୀ ଲଗାଯାଉଛି ।  ଆମକୁ ଇତର ପ୍ରାଣୀ ଭାବେ ଦେଖାଯାଉଛି ।

***ସିଜିମାଳି-ମାଝିଙ୍ଗମାଳି-କୁଟ୍ରୁମାଳି ଆମର୍ ଟା,***
***ନୁହେଁ ସେ କାହାର ବୁଆର୍ ଟା !!***

ଏ ସବୁ ଅଙ୍ଗେ ନିଭେଇଲା ପରେ ମନରେ ସନ୍ଦେହ ହେଉଛି, ପ୍ରଶ୍ନ ବି ଉଠୁଛି, ଆମେ କଣ ସତରେ ଗୋଟେ ଗଣତାନ୍ତ୍ରିକ ଦେଶରେ ବାସ କରୁଛୁ ?  ନିଜର ହକ୍ ପାଇଁ, ନ୍ୟାୟ ପାଇଁ ଓ ପ୍ରକୃତି ପରିବେଶର ସୁରକ୍ଷା ପାଇଁ ଶାନ୍ତିପୂର୍ଣ୍ଣଭାବେ ସ୍ୱର ଉଠେଇବା କଣ ଅପରାଧ ? ସମ୍ବିଧାନ ଦ୍ୱାରା ସ୍ୱୀକୃତ ଶାନ୍ତିପୂର୍ଣ୍ଣ ଅସହମତି ପ୍ରକାଶ କରିବାର ଅଧିକାର କଣ ଆମର ନାହିଁ ? ଆମର ଏ ଜନରାଜ୍ୟଟି ପ୍ରକୃତରେ ଜନଗଣଙ୍କର ହିତ ପାଇଁ ନାଁ କମ୍ପାନୀର ସ୍ୱାର୍ଥ ପାଇଁ ? ଆମେ ଅସହମତି ବ୍ୟକ୍ତ କରିବା ପାଇଁ ଆଇନର ରାସ୍ତା ଅନୁସରଣ କରିଆସିଛୁ । ଜନଶୁଣାଣିରେ ଅଂଶଗ୍ରହଣ କରି ଖଣିଖନନ ପ୍ରସ୍ତାବକୁ ସର୍ବସମ୍ମତି କ୍ରମେ ଖାରଜ କରିଛୁ । ଗ୍ରାମସଭାରେ ଜଙ୍ଗଲ ଜମିର କିସମ ପରିବର୍ତ୍ତନ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଛୁ । ଏ ସମ୍ବନ୍ଧରେ ଆଇନ ଅଦାଲତରେ ଆଶ୍ରୟ ନେଇଛୁ । କିନ୍ତୁ ଖଣିଖନନକୁ ସୁଗମ କରିବା ପାଇଁ କମ୍ପାନୀକୁ ଗୋଟେ ପରେ ଗୋଟେ ଅନୁମତି ଦେଇ ଦିଆଯାଉଛି । ମାମଲା ଅଦାଲତରେ ଥିବା ବେଳେ ବି, ସଂଯୋଗ ରାସ୍ତା ପାଇଁ ଚୂଡ଼ାନ୍ତ ଜଙ୍ଗଲ ମଞ୍ଜୁରୀ ଦେଇ ଦିଆଯାଇଛି । ନିକଟରେ କେନ୍ଦ୍ର ସରକାରଙ୍କ ବିଶେଷଜ୍ଞ କମିଟି ପ୍ରକଳ୍ପକୁ ପରିବେଶ ମଞ୍ଜୁରୀ ଦେବା ପାଇଁ ଅନୁମୋଦନ କରିଛି ।

କେବଳ ଆଇନ ଅଦାଲତ ନୁହେଁ, ଗଣତନ୍ତ୍ରର ବିଭିନ୍ନ ଅନୁଷ୍ଠାନମାନଙ୍କୁ ବି ଆମେ ଆମର ଆପତ୍ତି ଅଭିଯୋଗ ଜଣେଇଛୁ । କିନ୍ତୁ ଆମ କଥା କେହି ବି ଶୁଣୁନାହାନ୍ତି । ଏପରିକି ଆମର ନିର୍ବାଚିତ ଲୋକ ପ୍ରତିନିଧି ବା ସରକାରୀ କର୍ମକର୍ତ୍ତା ଆମ ସହ କଥାବାର୍ତ୍ତା ହେବା ପାଇଁ ଆସିନାହାନ୍ତି । ସତେ ଯେମିତି ବ୍ୟବସ୍ଥାଟି ଗୋଟେ ଭୂତ ପାଲଟିଯାଇଛି ଏବଂ ଆମେ ଗୋଟେ ଭୂତ ସହ ଲଢୁଛୁ । ଅପର ପକ୍ଷରେ, ଆମର ଅସହମତିର ସ୍ୱରକୁ ଚାପି ଦେବା ପାଇଁ ଆମକୁ ଅପରାଧୀ ବୋଲି ଦର୍ଶାଯାଉଛି । ଗତ ତିନି ବର୍ଷରେ ଆମ ଉପରେ କେତେ ଯେ ମାମଲା ଲଦି ଦିଆଗଲାଣି, କେତେ ଲୋକଙ୍କୁ ଗିରଫ କରାଗଲାଣି, ତାର ହିସାବ ଆମେ ରଖିପାରି ନାହୁଁ । ପ୍ରତିଟି ଏଫଆଇଆରରେ ୧୦୦ ବା ୩୦୦ ଜଣ "ଅନ୍ୟମାନେ" ଲେଖାଯାଇ ଅଞ୍ଚଳର କାହାକୁ ବି ଗିରଫ କରିବାର ଅଗ୍ରୀମ ବ୍ୟବସ୍ଥା କରିଦିଆଯାଇଛି । ତଥାପି ସାହସ ଓ ଏକତାର ସହ ଆମେ ଏହାକୁ ସମ୍ମୁଖୀନ ହେଉଛୁ, ଲଢେଇ ଜାରି ରଖିଛୁ ।

*ଜାନ୍ ଯାଉ ଯାଉ ଜୀବନ ଯାଉ,*
*ମାଲି ଝରଣା ବଞ୍ଚିଥାଉ !!*

ଆମର ଏ ଲଢ଼େଇ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ପାଇଁ । ଆମର ଇତିହାସ ଓ ସାଂସ୍କୃତିକ ଐତିହ୍ୟ ପାଇଁ ଏ ଲଢ଼େଇ । ଆମର ଦିଅଁ ଦେବତାଙ୍କ ପୀଠ, ତିଜରାଜାର ଆସ୍ଥାନ, ପବିତ୍ର ସ୍ଥଳୀମାନଙ୍କର ସୁରକ୍ଷା ପାଇଁ ଏ ଲଢ଼େଇ । ଏ ଲଢ଼େଇ ବର୍ତ୍ତମାନ ସମୟ ପାଇଁ ଯେତେବେଳେ ବଞ୍ଚିବା ଓ ମର୍ଯ୍ୟାଦା ସହ ଶ୍ରମ କରିବା ଅସମ୍ଭବ କରିଦିଆଯାଇଛି । ଆହୁରି ଗୁରୁତ୍ୱପୂର୍ଣ୍ଣ, ଭବିଷ୍ୟତ ପିଢି ପାଇଁ ପ୍ରାକୃତିକ ସମ୍ପଦ ସୁରକ୍ଷିତ ରଖିବା ନିମନ୍ତେ ଏ ଲଢ଼େଇ । ବିକାଶ ନାଁରେ କ୍ଷମତାଶାଳୀମାନଙ୍କ ଦ୍ୱାରା ପ୍ରାକୃତିକ ସମ୍ପଦ କେବଳ ଲୁଟ୍ ହେଉଛି । ଆମ ଲୋକ ରୋଜଗାର ଖୋଜିବା ଲାଗି ଦୂର ସ୍ଥାନକୁ ଦାଦନ ଯାଉଛନ୍ତି । ତେଣୁ ଲାଭଖୋରଙ୍କର ଅତୃପ୍ତ ଲୋଭର କବଳରୁ ଭବିଷ୍ୟତ ବଂଶଧରମାନଙ୍କ ପାଇଁ ପ୍ରାକୃତିକ ସମ୍ବଳକୁ ବଞ୍ଚେଇବା ଆଜି ସମୟର ଆହ୍ୱାନ । ଏ ମାଟି, ଡଙ୍ଗର, ମାଳି, ଝରଣା, ଜଙ୍ଗଲ ହଜାର ହଜାର ବର୍ଷ ଧରି ଅଛନ୍ତି । କେହି ମଣିଷ ସେମାନଙ୍କୁ ତିଆରି କରିନାହାନ୍ତି । ସେମାନେ ଆମ ପୂର୍ବପୁରୁଷଙ୍କୁ ପୋଷିଥିଲେ, ଆମକୁ ପୋଷୁଛନ୍ତି, ଆମ ଭବିଷ୍ୟତ ପିଢିକୁ ବି ପୋଷିବେ । ବଜାର ଦରରେ ସେମାନଙ୍କ ମୂଲ୍ୟ କଣ କଳନା କରାଯାଇପାରିବ ? **ସେମାନେ ବିକ୍ରି ପାଇଁ ନୁହନ୍ତି, ଲାଭ ପାଇଁ ନୁହନ୍ତି, ସେମାନେ ଜୀବନ ପାଇଁ ।**

**ମାଟି ଓ ପ୍ରାକୃତିକ ସମ୍ପଦକୁ ବଞ୍ଚେଇବା ପାଇଁ
ଆମର ଯେଉଁ ଲଢୁଆ ସାଥୀମାନେ ଜେଲ ଭିତରେ ଅଛନ୍ତି
ସେମାନଙ୍କୁ ଆମର ସଲାମ ।**

**ଧନ ଓ କ୍ଷମତା ବିରୁଦ୍ଧରେ ସ୍ୱର ଉଠଉଥିବା
ସମସ୍ତ ଲଢୁଆ ଲୋକ ଓ ସୀମାନ୍ତରିତ ସମୁଦାୟଙ୍କୁ
ଆମର ସଲାମ ।**

**ପୂର୍ବଘାଟ ପର୍ବତମାଳାର ଜନ ଆନ୍ଦୋଳନମାନଙ୍କୁ
ଏକଜୁଟ ହେବା ପାଇଁ
ଆମର ଆହ୍ୱାନ ।**

**ଆସନ୍ତୁ ଏକ ସ୍ୱରରେ ଦାବି କରିବା:**

୧. ବେଦାନ୍ତ ଓ ଆଦାନୀ କମ୍ପାନୀର ପ୍ରସ୍ତାବିତ ବକ୍ସାଇଟ ପ୍ରକଳ୍ପ ସମେତ ପୂର୍ବଘାଟ ପର୍ବତମାଳାର ସମସ୍ତ ଖଣି ପ୍ରକଳ୍ପକୁ ବାତିଲ କର ।

୨. ଆମ ଲୋକମାନଙ୍କ ଉପରେ ଲଦି ଦିଆଯାଇଥିବା ମିଥ୍ୟା ମକଦ୍ଦମା ପ୍ରତ୍ୟାହାର କର ଓ ଜେଲରୁ ସମସ୍ତଙ୍କୁ ଖଲାସ କର ।

୩. ଭବିଷ୍ୟତ ବଂଶଧରଙ୍କ ପାଇଁ ମାଟି ଓ ପ୍ରାକୃତିକ ସମ୍ପଦକୁ ସୁରକ୍ଷା କର ।

**ନିବେଦକ**

ସୁବାସ ସିଂ ମାଝି (ସଭାପତି)

ଲାଇ ମାଝି (ଉପସଭାପତି)

ଲକ୍ଷ୍ମଣ ମାଝି (ସମ୍ପାଦକ)

# ମା ମାଟି ମାଳି ସୁରକ୍ଷା ମଞ୍ଚ

(ସିଜିମାଳି-କୁଟ୍ରୁମାଳି- ମାଝିଂମାଳି)

ରାୟଗଡ଼ା-କଳାହାଣ୍ଡି

ଦ୍ୱାରା ପ୍ରକାଶିତ

**ବିଶ୍ୱ ପରିବେଶ ଦିବସ - ୫ ଜୁନ ୨୦୨୬**

